# NATIONAL NEWS BULLETIN (ODIA)
## 13 January - 2025
## Evening Bulletin : 7.15 P.M.

*******************************

## ମୁଖ୍ୟ ସମ୍ବାଦ

- ମହାକୁମ୍ଭର ଆଜି ପ୍ରଥମ ଦିନରେ ସ୍ନାନ କଲେ ୧ କୋଟି ୫୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ
- ଫେବୃଆରୀ ୧୧ରୁ ନୂଆଦିଲ୍ଲୀର ଯଶୋଭୂମିଠାରେ ଆରମ୍ଭ ହେବ ଇଣ୍ଡିଆ ଏନର୍ଜି ୱିକ୍-୨୦୨୫
- ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଲାଗୁ କରିବାରେ ଓଡ଼ିଶା ହେଲା ୩୪ତମ ରାଜ୍ୟ
- ସାରଜାଠାରେ ଷ୍ଟିଲ୍ ଫାବ୍ ଏକ୍ସପୋ ଆରମ୍ଭ; ୩୫ରୁ ଅଧିକ କମ୍ପାନୀ ସହ ଅଂଶଗ୍ରହଣ କରିଛି ଭାରତ

ଏବଂ

- ଆସନ୍ତାକାଲିଠାରୁ ପାଞ୍ଚ ଦିନିଆ ଭାରତ ଗସ୍ତରେ ଆସିବେ ସିଙ୍ଗାପୁର ରାଷ୍ଟ୍ରପତି

# ମହାକୁମ୍ଭ

ପ୍ରୟାଗରାଜ ମହାକୁମ୍ଭର ଆଜି ପ୍ରଥମ ଦିନ ପୌଷ ପୂର୍ଣ୍ଣିମାରେ ୧ କୋଟି ୫୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ସ୍ନାନ କରିଛନ୍ତି। ବିଶ୍ୱର ସର୍ବବୃହତ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାବେଶ ପ୍ରୟାଗରାଜ ମହାକୁମ୍ଭରେ ଶ୍ରଦ୍ଧାଳୁମାନଙ୍କୁ ସ୍ୱାଗତ କରିବା ପାଇଁ ହେଲିକପ୍ଟରରୁ ପୁଷ୍ପ ବର୍ଷା କରାଯାଇଥିଲା।

ଗଙ୍ଗା, ଯମୁନା ଓ ପୌରାଣିକ ନଦୀ ସରସ୍ୱତୀର ସଙ୍ଗମସ୍ଥଳୀ ତ୍ରିବେଣୀ ସଙ୍ଗମର ବିଭିନ୍ନ ଘାଟରେ ଶ୍ରଦ୍ଧାଳୁମାନେ ସ୍ନାନ କରୁଛନ୍ତି। ଏହି ମେଳାକୁ ସୁରକ୍ଷିତ ଏବଂ ସ୍ମରଣୀୟ କରିବା ପାଇଁ ସରକାର ସମସ୍ତ ପ୍ରୟାସ କରିଛନ୍ତି ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି। ମହାକୁମ୍ଭ ପାଇଁ ସାତସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୨ ହଜାର ଗଙ୍ଗା ସେବାଦୂତ ନଦୀ ଓ ଘାଟର ସ୍ୱଚ୍ଛତା ସୁନିଶ୍ଚିତ କରୁଛନ୍ତି।

ଫେବୃଆରୀ ୨୬ ତାରିଖ ମହାଶିବରାତ୍ରୀ ପର୍ଯ୍ୟନ୍ତ ଏହି ଭବ୍ୟ କାର୍ଯ୍ୟକ୍ରମ ଚାଲିବ। ୧୪୪ ବର୍ଷରେ ମାତ୍ର ଥରେ ଘଟୁଥିବା ଏକ ବିରଳ ମହାକାଶୀୟ ସଂଯୋଗ ଚଳିତ ବର୍ଷ ମହାକୁମ୍ଭର ବିଶେଷତ୍ୱକୁ ଆହୁରି ବୃଦ୍ଧି କରିଛି।

# ଇଣ୍ଡିଆ- ଏନର୍ଜି ଓ୍ୱିକ୍

ଚଳିତ ବର୍ଷ ଫେବୃଆରୀ ୧୧ ତାରିଖରୁ ନୂଆଦିଲ୍ଲୀର ଯଶୋଭୂମିଠାରେ ଇଣ୍ଡିଆ ଏନର୍ଜି ସପ୍ତାହ-୨୦୨୫ ଅନୁଷ୍ଠିତ ହେବ। ଏହି ଚାରି ଦିନିଆ କାର୍ଯ୍ୟକ୍ରମରେ ଶକ୍ତି ଇକୋସିଷ୍ଟମର ଶ୍ରେଷ୍ଠତାକୁ ଏକାଠି କରିବା ପାଇଁ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ପ୍ରଦାନ କରିବ । ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ସଚିବ ପଙ୍କଜ ଜୈନ ଆଜି ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ୭୦୦ରୁ ଅଧିକ ପ୍ରଦର୍ଶକ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରଦର୍ଶନ କରିବେ ଏବଂ ଶକ୍ତିର ଭବିଷ୍ୟତ ଗଠନ ପାଇଁ ସୁଯୋଗ ଖୋଜିବେ। ଏହି କାର୍ଯ୍ୟକ୍ରମରେ ୨୦ ଜଣ ବୈଦେଶିକ ମନ୍ତ୍ରୀ ଏବଂ କମ୍ପାନୀର ପ୍ରାୟ ୯୦ ଜଣ ସିଇଓ ଯୋଗଦେବେ ବୋଲି ସେ କହିଛନ୍ତି। ଶ୍ରୀ ଜୈନ କହିଛନ୍ତି, ଇଣ୍ଡିଆ ଏନର୍ଜି ଓ୍ୱିକ୍ ଭାରତ ତଥା ବିଦେଶର ଶିଳ୍ପନେତା, ନୀତି ନିର୍ଦ୍ଧାରକ, ଗବେଷକ ଏବଂ ଉଦ୍ଭାବକମାନଙ୍କୁ ଏକାଠି କରିବ।

# ଦିଲ୍ଲୀ ପୋଲ୍ସ

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ପ୍ରକ୍ରିୟା ଜାରି ରହିଥିବା ବେଳେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରମୁଖ ରାଜନୈତିକ ଦଳର ନେତାମାନେ ପ୍ରଚାର ଆରମ୍ଭ କରିଛନ୍ତି। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧି ଆଜି ସନ୍ଧ୍ୟାରେ ସିଲମପୁର ଅଞ୍ଚଳରେ ଏକ ନିର୍ବାଚନୀ

ସଭାକୁ ସମ୍ବୋଧିତ କରିଛନ୍ତି । ଦିଲ୍ଲୀ ବିଜେପି ୟୁନିଟର ନେତା ଏବଂ ଆମ୍ ଆଦମୀ ପାର୍ଟିର ଶୀର୍ଷ ନେତାମାନେ ମଧ୍ୟ ସେମାନଙ୍କ ପ୍ରାର୍ଥୀଙ୍କ ସପକ୍ଷରେ ସମର୍ଥନ ହାସଲ କରିବା ପାଇଁ ବିଭିନ୍ନ ଅଞ୍ଚଳରେ ପ୍ରଚାର କରୁଛନ୍ତି । ବରିଷ୍ଠ ଆପ୍ ନେତା ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ଆଜି ନାମାଙ୍କନ ପତ୍ର ଦାଖଲ ପୂର୍ବରୁ କାଲକାଜୀ ଅଞ୍ଚଳରେ ଏକ ରୋଡ୍ ସୋ' କରିଥିଲେ ।

ଦିଲ୍ଲୀରେ ତିନି ପ୍ରମୁଖ ଦଳ ବିଜେପି, ଆମ୍ ଆଦମୀ ପାର୍ଟି ଓ କଂଗ୍ରେସ ପ୍ରତିଦିନ ଗୋଟିଏ ପରେ ଗୋଟିଏ ସାମ୍ବାଦିକ ସମ୍ମିଳନୀ କରି ବିଧାନସଭା ନିର୍ବାଚନ ପାଇଁ ଏଜେଣ୍ଡା ପ୍ରଚାର କରିବାରେ କୌଣସି ସୁଯୋଗ ହାତଛଡ଼ା କରୁନାହାଁନ୍ତି । ସେପଟେ ଶାସକ ଆମ୍ ଆଦମୀ ପାର୍ଟି ଓ ବିରୋଧୀ ବିଜେପି ପରସ୍ପରକୁ ଟାର୍ଗେଟ କରିବା ପାଇଁ ପୋଷ୍ଟର ଓ ବ୍ୟଙ୍ଗପତ୍ର ଜାରି କରୁଥିବାରୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ମଧ୍ୟ ରାଜନୈତିକ ଲଢେଇରେ ପରିଣତ ହୋଇଛି ।

## ଆୟୁଷ୍ମାନ ଭାରତ- ଓଡ଼ିଶା

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିବାରେ ଓଡ଼ିଶା ୩୪ତମ ରାଜ୍ୟ ପାଲଟିଛି । ଏହି ଯୋଜନା ଅଧୀନରେ ପ୍ରତି ପରିବାରର ଦ୍ୱିତୀୟ ଓ ତୃତୀୟ ସ୍ତରୀୟ ଚିକିତ୍ସା ପାଇଁ ବାର୍ଷିକ ପାଞ୍ଚ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ କରାଯାଏ । ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଏବଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

ମଧ୍ୟରେ ଆଜି ନୂଆଦିଲ୍ଲୀରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନଡ୍ଡା କହିଛନ୍ତି, ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ୮ କୋଟିରୁ ଅଧିକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ଏହି ଯୋଜନା ଦ୍ୱାରା ସମର୍ଥିତ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ ହେଉଥିବାରୁ ଦେଶର ଦୂରଦୂରାନ୍ତ ଓ ଦୁର୍ଗମ ଅଞ୍ଚଳରେ ଡାକ୍ତରଖାନାରେ ଭର୍ତ୍ତି ହେବା ଯଥେଷ୍ଟ ବୃଦ୍ଧି ପାଇଛି । ସେ ଆହୁରି ମଧ୍ୟ କହିଛନ୍ତି, ଭାରତର ୪୫ ପ୍ରତିଶତ ଜନସଂଖ୍ୟା ଏହି ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ସେ କହିଛନ୍ତି, ଲୋକାଭିମୁଖୀ ଯୋଜନା ଲାଗୁ କରିବା କ୍ଷେତ୍ରରେ ରାଜନୈତିକ ଅହଂଭାବ ରାଜ୍ୟଗୁଡ଼ିକ ପାଇଁ ବାଧକ ହେବା ଉଚିତ ନୁହେଁ ।  ତେବେ ଦିଲ୍ଲୀ ଏବଂ ପଶ୍ଚିମବଙ୍ଗରେ ଏହି ଯୋଜନା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ ।

## ୟୁଏଇ- ଏସ୍‌ସିସିଆଇ

ୟୁଏଇରେ ବହୁ ପ୍ରତୀକ୍ଷିତ ଷ୍ଟିଲ୍ ଫାବ୍ ଏକ୍ସପୋ-୨୦୨୫ ଆଜି ଠାରୁ ଏକ୍ସପୋ ସେଣ୍ଟର ଶାରଜାରେ ଆରମ୍ଭ ହୋଇଛି, ଯେଉଁଥିରେ ଭାରତୀୟ ଶିଳ୍ପ ମହାସଂଘର ଇଣ୍ଡିଆ ପ୍ୟାଭିଲିୟନ ଅଧୀନରେ ୩୫ରୁ ଅଧିକ କଂପାନୀ ସହ ଅଂଶଗ୍ରହଣ କରିଛି । ଏହି ମାଇଲଖୁଣ୍ଟ ବିଶ୍ୱଧାତବ କାର୍ଯ୍ୟ ଏବଂ ନିର୍ମାଣ କ୍ଷେତ୍ରରେ ବୃଦ୍ଧି ପାଉଥିବା ଭାରତର ପ୍ରାଧାନ୍ୟକୁ ପ୍ରଦର୍ଶିତ କରୁଛି । ଏହା  ଯୋଗୁଁ ୟୁଏଇ ଓ ପଶ୍ଚିମ ଏସିଆ ପୂର୍ବ ସହିତ ଏହାର ଶିଳ୍ପ ସମ୍ପର୍କ ଦୃଢ଼ ହୋଇଛି ।

ଶାରଜା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସହାୟତାରେ ଜାନୁଆରୀ ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାରତ, ବ୍ରିଟେନ୍, ଜର୍ମାନୀ, ଇଟାଲୀ, ଆମେରିକା, ଚୀନ୍ ଏବଂ ନେଦରଲ୍ୟାଣ୍ଡ୍ ସମେତ ୩୩ଟି ଦେଶର ୬୦୦ରୁ ଅଧିକ ଗ୍ଲୋବାଲ୍ ବ୍ରାଣ୍ଡ୍ ଏବଂ ୩୫୦ ପ୍ରଦର୍ଶକ ଏକାଠି ହୋଇଛନ୍ତି। ଭାରତୀୟ କଂପାନିଗୁଡ଼ିକ ପାୱାର ଟୁଲ୍ସ, ମେସିନ୍ ଟୁଲ୍ସ, ୱେଲ୍ଡିଂ ଓ କଟିଂ ମେସିନ ଏବଂ ଟ୍ୟୁବ୍ ଓ ପାଇପ୍ ସଲ୍ୟୁସନ୍ କ୍ଷେତ୍ରରେ ଉନ୍ନତ ଜ୍ଞାନକୌଶଳ ପ୍ରଦର୍ଶନ କରୁଛନ୍ତି। ମୁଖ୍ୟତଃ ଦକ୍ଷିଣ କୋରିଆ ଏବଂ ୟୁରୋପୀୟ ଯୋଗାଣକାରୀଙ୍କ ଦ୍ୱାରା ପରିଚାଳିତ ପଶ୍ଚିମ ଏସୀୟ ବଜାରରେ ଭାରତ ସଫଳତାର ସହ ନିଜର ସ୍ଥାନ ସୃଷ୍ଟି କରିଛି, ଯାହା ଆଞ୍ଚଳିକ ଶିଳ୍ପ ଆବଶ୍ୟକତାକୁ ପୂରଣ କରିବାରେ ନିଜର ବଢୁଥିବା ପ୍ରତିଦ୍ୱନ୍ଦ୍ୱିତା ପ୍ରଦର୍ଶନ କରୁଛି ।

ଏକ୍ସପୋରେ ଅତ୍ୟାଧୁନିକ ଜ୍ଞାନକୌଶଳର ଲାଇଭ୍ ପ୍ରଦର୍ଶନ, ୱେଲ୍ଡିଂ ପ୍ରତିଯୋଗିତା ଏବଂ ଲେଜର ଧାତୁ କଟିଂ, ପାଇପ୍ ଉତ୍ପାଦନ ଏବଂ ସାମଗ୍ରୀ ପରିଚାଳନା ସମାଧାନର ଅତ୍ୟାଧୁନିକ ଅଗ୍ରଗତି ହେଉଛି। ଏହି କାର୍ଯ୍ୟକ୍ରମ ପ୍ରମୁଖ ଉଦ୍ୟୋଗୀ ଏବଂ ନିବେଶକଙ୍କ ସହିତ ଇସ୍ପାତ ଶିଳ୍ପର ଶୀର୍ଷ ନିର୍ମାତା, ଉତ୍ପାଦକ ଏବଂ ଯୋଗାଣକାରୀଙ୍କୁ ଯୋଡ଼ିବାରେ ସଫଳ ହୋଇଛି।

ଏକ୍ସପୋରେ ଭାରତର ଅଂଶଗ୍ରହଣ ୟୁଏଇରେ ଶିଳ୍ପ ଅଭିବୃଦ୍ଧିରେ ଦେଶର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୁଦୃଢ଼ କରୁଛି ବୋଲି କୁହାଯାଇଛି ।

## ପ୍ରେଜ୍ ସିଙ୍ଗାପୁର-ଇଣ୍ଡିଆ

ସିଙ୍ଗାପୁର ରାଷ୍ଟ୍ରପତି ଥାର୍ମନ ଶାନ୍ମୁଗାରନ୍ତ୍ମ୍ ଆସନ୍ତାକାଲିଠାରୁ ୫ ଦିନିଆ ଭାରତ ଗସ୍ତରେ ଆସିବେ । ତାଙ୍କ ସହ ମନ୍ତ୍ରୀ, ସାଂସଦ ଓ ଅଧିକାରୀଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆସିବେ । ସିଙ୍ଗାପୁର ରାଷ୍ଟ୍ରପତି ଭାବେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ।

ଗସ୍ତ ସମୟରେ ରାଷ୍ଟ୍ରପତି ଥର୍ମନ’ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଆଲୋଚନା କରିବେ । ତାଙ୍କ ସମ୍ମାନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏକ ନୈଶ୍ୟଭୋଜିର ଆୟୋଜନ କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି’ ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ମଧ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ଚଳିତ ମାସ ୧୭ରୁ ୧୮ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଥର୍ମନ ଓଡ଼ିଶା ଗସ୍ତରେ ଆସିବେ ।

ବନ୍ଧୁତା, ବିଶ୍ୱାସ ଏବଂ ପାରସ୍ପରିକ ସମ୍ମାନର ଦୀର୍ଘ ପରମ୍ପରା ଆଧାରରେ ଭାରତ ଏବଂ ସିଙ୍ଗାପୁର ମଧ୍ୟରେ ବ୍ୟାପକ ସହଯୋଗ ରହିଛି । ରାଷ୍ଟ୍ରପତି ଥର୍ମନଙ୍କ ଗସ୍ତ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି । ଭାରତ ଓ ସିଙ୍ଗାପୁର

ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୬୦ତମ ବାର୍ଷିକୀ ପାଳନର ଶୁଭାରମ୍ଭ ଅବସରରେ ଏହି ବୈଦେଶିକ ଗସ୍ତ ଆରମ୍ଭ ହୋଇଛି ।

## ସିପିଆଇ- ଡିସେମ୍ବର

୨୦୨୪ ମସିହା ଡିସେମ୍ବରରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୪ ମାସର ସର୍ବନିମ୍ନ ସ୍ତର ୫ ଦଶମିକ ୨/୨ ପ୍ରତିଶତକୁ ହ୍ରାସ ପାଇଥିଲା । ଏହା ଚଳିତ ଆର୍ଥିକ ବର୍ଷର ପୂର୍ବ ମାସରେ ୫ ଦଶମିକ ୪/୮ ପ୍ରତିଶତ ଥିଲା । ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ୫ ଦଶମିକ ୭/୬ ପ୍ରତିଶତ ଥିବା ବେଳେ ସହରାଞ୍ଚଳରେ ଏହା ୪ ଦଶମିକ ୫/୮ ପ୍ରତିଶତ ରହିଛି ।

ସର୍ବଭାରତୀୟ ଉପଭୋକ୍ତା ଖାଦ୍ୟ ମୂଲ୍ୟ ସୂଚକାଙ୍କ ଆଧାରରେ ୨୦୨୪  ଡିସେମ୍ବର ପାଇଁ ଖାଦ୍ୟ ମୁଦ୍ରାସ୍ଫୀତି ହାର ଅସ୍ଥାୟୀ ଭାବେ ୮ ଦଶମିକ ୩/୯ ପ୍ରତିଶତ ରହିଥିଲା । ଯାହା ନଭେମ୍ବରରେ ରେକର୍ଡ କରାଯାଇଥିବା ୯ ଦଶମିକ  ୦/୪ ପ୍ରତିଶତ ଏବଂ ଅକ୍ଟୋବରରେ ୧୦ ଦଶମିକ ୯ ପ୍ରତିଶତ ଥିଲା । ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୮ ଦଶମିକ ୬/୫ ପ୍ରତିଶତ ଥିବା ବେଳେ ସହରାଞ୍ଚଳରେ ୭ ଦଶମିକ  ୯ ପ୍ରତିଶତ ରହିଛି ।

## ଜାପାନ-ସୁନାମୀ

ଦକ୍ଷିଣ-ପଶ୍ଚିମ ଜାପାନର କିୟୁଶୁରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି । ଜାପାନ ପାଣିପାଗ ବିଜ୍ଞାନ ଏଜେନ୍ସି କହିଛି, ମିଆଜାକି ପ୍ରିଫେକ୍‌ଚରରେ ୬ ଦଶମିକ ୪ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି । ଏଜେନ୍ସି ପକ୍ଷରୁ ମିଆଜାକି ଏବଂ କୋଚି ପ୍ରିଫେକ୍‌ଚରର ପାଇଁ ସୁନାମି ସତର୍କତା ଜାରି କରାଯାଇଛି ।

## କଙ୍ଗୋ ରି-କ୍ୟାପଚର୍

କଙ୍ଗୋରେ ପୂର୍ବ ଉତ୍ତର କିଭୁ ଏବଂ ଦକ୍ଷିଣ କିଭୁ ପ୍ରଦେଶରେ ସଶସ୍ତ୍ର ଗୋଷ୍ଠୀଙ୍କ ଅଧୀନରେ ଥିବା ଅନେକ ସହରକୁ ସରକାରୀ ବାହିନୀ ପୁନଃ ଦଖଲ କରିଛି । କଙ୍ଗୋ ସେନା କହିଛି ଯେ ଉତ୍ତର କିଭୁ ପ୍ରାଦେଶିକ ରାଜଧାନୀ ଗୋମା ନିକଟରେ ମାସିସି ଅଞ୍ଚଳର ଏକ ପ୍ରମୁଖ ସହର ନଙ୍ଗୁଙ୍ଗୁ ସମେତ ପୁନରୁଦ୍ଧାର ହୋଇଥିବା କେତେକ ସହରକୁ ବିଦ୍ରୋହୀମାନେ ମାସ ମାସ ଧରି ଦଖଲ କରି ରଖିଛନ୍ତି । ସେପଟେ ସଂଘର୍ଷ ପ୍ରଭାବିତ ଅଞ୍ଚଳରେ ତୀବ୍ର ସଂଘର୍ଷ ମଧ୍ୟରେ ବିଦ୍ରୋହୀମାନେ ଅନ୍ୟାନ୍ୟ ଅଞ୍ଚଳକୁ ମଧ୍ୟ ଅଗ୍ରଗତି କରିଛନ୍ତି ।

ସ୍ଥାନୀୟ ଗଣମାଧ୍ୟମରିପୋର୍ଟ ଅନୁଯାୟୀ, ମାସିସି ସେଣ୍ଟର ନାମରେ ପରିଚିତ ଏହାର କେନ୍ଦ୍ର ସମେତ କିଛି ମାସିସି ଗାଁ ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ରହିଛି ।

ରୁଓ୍ୱାଣ୍ଡା ସୀମା ନିକଟରେ ଥିବା ଖଣିଜ ସମୃଦ୍ଧ ଅଞ୍ଚଳକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୦୦ରୁ ଅଧିକ ସଶସ୍ତ୍ର ଗୋଷ୍ଠୀଙ୍କ ସହ ପୂର୍ବ କଙ୍ଗୋ ଦଶନ୍ଧି ଧରି ସଂଘର୍ଷର ସମ୍ମୁଖୀନ ହୋଇଛି । ଏହା ଦ୍ୱାରା ବିଶ୍ୱର ସବୁଠାରୁ ବଡ ମାନବିକ ସଙ୍କଟ ସୃଷ୍ଟି ହୋଇଛି ଏବଂ ୭ ନିୟୁତରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି ।

# ୟୁଏସ୍ ଓ୍ୱାଲ୍ଡ ଫାୟାର କଷ୍ଟ

କାଲିଫର୍ଣ୍ଣିଆ ଜଙ୍ଗଲରେ ଲାଗିଥିବା ନିଆଁରେ ମୃତ୍ୟୁ ସଂଖ୍ୟା ୨୪କୁ ବୃଦ୍ଧି ପାଇଥିବା ବେଳେ ଜଙ୍ଗଲ ନିଆଁ ଯୋଗୁଁ ହୋଇଥିବା କ୍ଷୟକ୍ଷତି କୋଟି କୋଟି ଡଲାର ହେବ ବୋଲି ଆକଳନ କରାଯାଇଛି । ଆକୁଓ୍ୱେଦରର ବିଶ୍ଳେଷକମାନେ ଆକଳନ କରିଛନ୍ତି, ୧୩୫-୧୫୦ ବିଲିୟନ ଡଲାରର ଜଙ୍ଗଲ କ୍ଷୟକ୍ଷତି ହୋଇଛି, ଯେଉଁଥିରେ ବିସ୍ଥାପିତ ଜନସଂଖ୍ୟା ପାଇଁ ରିୟଲ ଇଷ୍ଟେଟ, କୃଷି, ଭିତ୍ତିଭୂମି ଏବଂ ସ୍ୱାସ୍ଥ୍ୟ ସେବା ଖର୍ଚ୍ଚକୁ ଅନ୍ତର୍ଭୁକ୍ତ କରାଯାଇଛି । ଜେ.ପି ମୋର୍ଗାନଙ୍କ ବିଶ୍ଳେଷଣ ଅନୁଯାୟୀ, ଏହା କାଲିଫର୍ଣ୍ଣିଆର ବାର୍ଷିକ ଜିଡିପିର ପ୍ରାୟ ୪ ପ୍ରତିଶତ । ଜେ.ପି ମୋର୍ଗାନ ବିଶ୍ଳେଷକମାନେ ଆକଳନ କରିଛନ୍ତି, ବୀମାଯୁକ୍ତ କ୍ଷତି ୨୦ ବିଲିୟନ

ଡଲାର  ଏବଂ ବୀମା ବିହୀନ କ୍ଷତି ୧୦୦ ବିଲିୟନ ଡଲାର ଅତିକ୍ରମ କରିବାର ସମ୍ଭାବନା ରହିଛି । ଲସ୍ ଆଞ୍ଜେଲସ୍ ଅଞ୍ଚଳରେ ଏବେ ବି ୩ଟି ସ୍ଥାନରେ ବନାଗ୍ନି ଅଣାୟତ୍ତ ରହିଛି ।